# ଦଗାବାଜ୍ ଛାଇ

ମୋ' ଠାରୁ ବହୁତ ବଡ଼ ଦିଶେ
ମୋ' ଛାଇ !
ପାଖ ଗଛ ଉପରେ ଆଉଜି
ଶୋଇଲା ପରି ଦିଶେ ବେଳେବେଳେ !
ମୋତେ ଲାଗେ
ସତେକି ମୋ' ହାତ ପାଆନ୍ତାରେ ଆକାଶ ।

ହେଲେ ଯେତେବେଳେ ମଧ୍ୟାହ୍ନ ହୁଏ,
ମୋ' ଛାଇ ଛୋଟ ହେଇ
ମୋ' ପାଦତଳେ ଶରଣ ପଶେ !
ମୋତେ ଲାଗେ, ପାଦରେ ଚାପିଦେଲେ
ବଳିରାଜାଙ୍କପରି ପଶିଯିବ ସେ ପାତାଳରେ !

ଏତେ ଛଳନା
ମୋ' ଛାଇ କୋଉଠୁ ଶିଖିଲା କେଜାଣି ?
ସେ ମୋର ଦିନ ରାତି,
ଆଲୁଅ ଅନ୍ଧାର, ହସ କାନ୍ଦ
କିଛି ବୋଲି କିଛି ବୁଝେନା !
କେବଳ ମୋର ପାଖେ ପାଖେ ରହି
ମତେ ତା' ଆଲୁଅରେ ଖଡେଇ ହୁଏ
ସଞ୍ଜ ଅନ୍ଧାରରେ ମୁଁ ଛନ୍ଦ ହେଲାବେଳେ
ଚୁପଚାପ୍ କୁଆଡ଼େ ଖସିଯାଏ !

ମୋର ଲହୁଲୁହାଣ
ନିଃଶ୍ୱାସ ପ୍ରଶ୍ୱାସକୁ ଧରି
ଯେତେବେଳେ ମୁଁ ଧାଉଁଥାଏ
ଅଗନା ଅଗନି ବନସ୍ତ ଭିତରେ
ମୋ' ପାଖରେ ନା ଥାଏ ଆଲୋକ
ନା ଥାଆନ୍ତି ଆପଣା ଲୋକ
ସେତେବେଳେ ଜାଣିଜାଣି ସେ ମୋତେ
ଭାଲୁ ହାବୁଡ଼ରେ ଛାଡ଼ିଦେଇ
ଗଛକୁ ଚଢ଼ିଯାଏ !
ସବୁବେଳେ ମୁଁ ତୋ'ରି ବୋଲି କହୁଥାଏ
ହେଲେ ଅସଲ ଦୁଃଖବେଳକୁ ଥରୁଟେ ହେଲେ
ମୋତେ ଆଉଁଶି ଦିଏନା !
ଓଲଟି ପାଖରେ ଛିଡ଼ା ହେଇ
ମୋତେ ଟାହୁଲି କରେ !
ମୋର କି ଗରଜ ପଡ଼ିଛି ଯେ ?
ଗୋଟେ ଧପ୍ପାବାଜ୍ ଛାଇ ସାଥିରେ
ସାରା ଜୀବନ ଟହଲିବି ?
ଏଥର ମୋ' ପାଖକୁ ଆସୁ,
ତା' ଗଳାଚିପି ମାରିଦେଇ
ମୁଁ ପଛେ ଫାଶି ଖୁଣ୍ଟରେ ଝୁଲିପଡ଼ିବି
କିନ୍ତୁ ତା'ର ଏକତରଫା
ଅଲଣା ପ୍ରେମର ବୋଝ ବୋହି
ଆଉ ଜୀବନକୁ ଠକି ପାରିବିନି !



ସେନାପତି ପ୍ରଦ୍ୟୁମ୍ନ କେଶରୀ

ଆସୋସିଏଟ୍ ପ୍ରଫେସର
ସାଲେପୁର ସ୍ୱୟଂଶାସିତ କଲେଜ
ସାଲେପୁର, କଟକ- ୭୫୪୨୦୨
ମୋ - ୯୪୩୮ ୨୭୫୩୨୩